# ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଅବଦାନ

ଜୟଶଙ୍କର ନାୟକ

ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସରେ ପ୍ରତି ଭାରତୀୟଙ୍କ ପାଇଁ ଏକ ଗର୍ବ ଓ ଗୌରବର ସ୍ମାରକୀ ବହନ କରୁଥିବା ବେଳେ ଆମ ଓଡ଼ିଶାରେ ଓଡ଼ିଆଙ୍କ ଅବଦାନ ବି କୌଣସି ଗୁଣରେ କମ୍ ନୁହେଁ । ସର୍ବଭାରତୀୟ ସ୍ତରରେ ସ୍ୱାଧୀନତା ଆନ୍ଦୋଳନ ୧୮୫୭ ମସିହାରୁ ଆରମ୍ଭ ହୋଇଥିଲା ଓ ଏହାର ବହୁ ପୂର୍ବରୁ ୧୮୦୩ ମସିହାରେ ଓଡ଼ିଆମାନେ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଥିଲେ । ସେଥିପାଇଁ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଓଡ଼ିଆମାନଙ୍କର ଭୂମିକା ଅବିସ୍ମରଣୀୟ । ସେମାନେ ନିଜର ସୁଖ, ସ୍ୱାଚ୍ଛନ୍ଦ୍ୟ, ଘରଦ୍ୱାର ତ୍ୟାଗ କରି ଦେଶମାତୃକାର ସେବାରେ ନିଜକୁ ଉତ୍ସର୍ଗ କରିଥିଲେ । ଆମ ପାଇଁ ସ୍ୱାଧୀନତା ଏକ ଦାନ ସ୍ୱରୂପ ନଥିଲା । ସ୍ୱାଧୀନତା ପ୍ରାପ୍ତି ନିମନ୍ତେ ଆମ ଦେଶବାସୀଙ୍କୁ କଠୋର ସଂଗ୍ରାମ ଓ ଅସୀମ ତ୍ୟାଗ ସ୍ୱୀକାର କରିବାକୁ ପଡ଼ିଛି । ସ୍ୱାଧୀନତା ସଂଗ୍ରାମରେ ଯେଉଁମାନେ ଆତ୍ମୋତ୍ସର୍ଗ କରିଛନ୍ତି, ସେମାନେ ଆମର ଚିର ନମସ୍ୟ । ସେମାନଙ୍କୁ ସ୍ମରଣ କରି ରଖିବା ପାଇଁ ଆଜି ଦିନଟି ଆମକୁ ସୁଯୋଗ ଦେଇଥାଏ । ବିଶେଷ କରି ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ମହାତ୍ମା ଗାନ୍ଧୀ, ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ପଟେଲ, ମୌଲନା ଆଜାଦ୍, ସରୋଜିନୀ ନାଇଡ଼ୁ ଓ ଓଡ଼ିଶାର ସୁଭାଷ ଚନ୍ଦ୍ର ବୋଷ, ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ଦଳ ବେହେରା, ମାଧବ ରାଉତରାୟ, ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ହରିହର ଦାସ, ନୀଳକଣ୍ଠ ଦାସ, ନବକୃଷ୍ଣ ଚୌଧୁରୀ, ଗୋପବନ୍ଧୁ ଚୌଧୁରୀ, ବୀର ସୁରେନ୍ଦ୍ର ସାଏ, ସାରଦା ପ୍ରସନ୍ନ ମହାପାତ୍ର, କୃଷ୍ଣ ମୋହନ ପଟ୍ଟନାୟକ, ହରେକୃଷ୍ଣ ମହତାବ, ରମାଦେବୀ, ମାଳତୀ ଚୌଧୁରୀ, ନିରଞ୍ଜନ ପଟ୍ଟନାୟକ, ବିଶ୍ୱନାଥ ଦାସ, ଲକ୍ଷ୍ମଣ ନାଏକ, ଦୋରା ବିଷୋଇ, ଚକରା ବିଷୋଇ, ରତ୍ନା ନାୟକ, ନନ୍ଦ ନାୟକ, ଧରଣୀ ନାୟକ, ନିର୍ମଳ ମୁଣ୍ଡା, ମାଦ୍ରୀ କାଲୋ ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ଯେଉଁମାନେ ତ୍ୟାଗ ତଥା ଆତ୍ମୋତ୍ସର୍ଗ କରି ପ୍ରାଣବଳି ଦେଇ ଶହୀଦ ହୋଇଛନ୍ତି, ଭାରତବାସୀ ଆଜି ତାଙ୍କ ନିକଟରେ ଚିରକୃତଜ୍ଞ । ଆଜି ତାଙ୍କରି ଯୋଗୁଁ ଭାରତ ଅନ୍ୟ ବିଦେଶୀ ରାଷ୍ଟ୍ରଭଳି ତା'ର ବିଜୟୀ ପତାକା ଫରଫର ହୋଇ ଉଡ଼ାଇ ପାରିଛି । ବହୁଦିନ ବ୍ରିଟିଶ ଶାସନାଧୀନ ହୋଇ ରହିବା ପରେ ଆମ ଦେଶ ଏହି ଦିବସରେ ବିଦେଶୀ କବଳରୁ ମୁକ୍ତିଲାଭ କରି ଏକ ସ୍ୱାଧୀନ ଓ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ ହୋଇଛି ।

ଯଦିଓ ୧୮୫୭ ମସିହାରେ ପ୍ରଥମେ ଭାରତରେ ଇଂରେଜ କବଳରୁ ମୁକ୍ତିଲାଭ ପାଇଁ ବିଦ୍ରୋହ ହୋଇଥିଲା କିନ୍ତୁ ଆମ ଓଡ଼ିଶା ମାଟିରେ ୧୮୦୩ ମସିହାରେ ବ୍ରିଟିଶ ଶାସନରୁ ମୁକ୍ତି ପାଇଁ ଆନ୍ଦୋଳନ ଆରମ୍ଭ ହୋଇଥିଲା । ୧୮୫୭ ମସିହାରେ ସିପାହୀ ବିଦ୍ରୋହ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି କେତେକ ଐତିହାସିକ ମତବ୍ୟକ୍ତ କରିଛନ୍ତି । ଉକ୍ତ ବିଦ୍ରୋହଟି ଇଂରେଜ ସାମ୍ରାଜ୍ୟ ତଥା ପ୍ରଶାସନକୁ ହୁଲସ୍ଥୁଲ କରିଦେଇ ଥିଲା । ସେହି ସିପାହୀ ବିଦ୍ରୋହରେ କେବଳ ସିପାହୀମାନେ ଯୋଗ ଦେଇଥିଲେ ତାହା ନୁହେଁ, ସେମାନଙ୍କ ସାଙ୍ଗରେ ତାଂତିଆ ଟୋପେ, ବାହାଦୂର ଶାହା ଓ ଝାନ୍ସୀର ରାଣୀ ଲକ୍ଷ୍ମୀବାଈ ମଧ୍ୟ ସଂଶ୍ଳିଷ୍ଟ ଥିଲେ । ଉକ୍ତ ସଂଗ୍ରାମରେ ଓଡ଼ିଶାରୁ ଯୋଗ ଦେଇଥିଲେ ବୀର ସୁରେନ୍ଦ୍ର ସାଏ ଓ ଚନ୍ଦନ ହଜୁରୀ । ଝାନ୍ସୀର ରାଣୀ ଲକ୍ଷ୍ମୀବାଈ ନିଜର ନାବାଳକ ପୋଷ୍ୟପୁତ୍ର ପାଇଁ ଝାନ୍ସୀ ରାଜଗାଦି ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ଇଂରେଜ ଶାସନର ବିରୋଧୀ ହେଲେ । ଝାନ୍ସୀର ରାଣୀ ଲକ୍ଷ୍ମୀବାଈ ନିଜର ବୀରା ରମଣୀ ରୂପରେ ସଜାଇ ଫିରିଙ୍ଗ ଶାସନକୁ ଉପଯୁକ୍ତ ଜବାବ ଦେଇ ପାରିଥିଲେ । ଦେହରେ ସାଞ୍ଜୁ, ହାତରେ ଢ଼ାଲ ଓ ଖଣ୍ଡା ଧରି ସମର କ୍ଷେତ୍ରରେ ଯୁଦ୍ଧ କରିବାକୁ ଆଗେଇ ଯାଇଥିଲେ । ପୁରୀର ଚନ୍ଦନ ହଜୁରୀ ନାମରେ ପରିଚିତ ଚାଖୀ ଖୁଣ୍ଟିଆ ସିପାହୀ ବିଦ୍ରୋହରେ ଯୋଗଦେଇ ଝାନ୍ସୀ ରାଣୀ ଲକ୍ଷ୍ମୀବାଈଙ୍କୁ ସାହାଯ୍ୟ

କରିଥିଲେ । ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ସିପାହୀ ବିଦ୍ରୋହରେ ଯୋଗ ଦେଇଥିଲେ । ବୀର ସୁରେନ୍ଦ୍ର ସାଏ ଓଡ଼ିଶାରେ ଏହି ସଂଗ୍ରାମକୁ ୧୮୬୨ ମସିହା ପର୍ଯ୍ୟନ୍ତ ଜାହିର କରି ରଖିଥିଲେ । ଶେଷରେ ଇଂରେଜମାନଙ୍କ ଦ୍ୱାରା କାରାଗାରରେ ବନ୍ଦୀ ହୋଇ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

୧୮୦୪ ମସିହାରେ ଜୟୀ ରାଜଗୁରୁଙ୍କ ତତ୍ତ୍ୱାବଧାନରେ ଖୋର୍ଦ୍ଧା ବିଦ୍ରୋହ ଥିଲା ଅନ୍ୟତମ । ସେହି ସମୟରେ ଗଜପତି ରାଜା ଥିଲେ ଦ୍ୱିତୀୟ ମୁକୁନ୍ଦ ଦେବ ନାବାଳକ ଓ ଜୟୀ ରାଜଗୁରୁ ହେଲେ ତାଙ୍କର ପ୍ରଧାନମନ୍ତ୍ରୀ । ସେ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ କରି ଫାଶି ପାଇଥିଲେ । ସେଥିପାଇଁ ଜୟୀ ରାଜଗୁରୁ ହୋଇଥିଲେ ଭାରତବର୍ଷର ପ୍ରଥମ ଶହୀଦ୍ ।୧୮୧୭ ମସିହାରେ ଇଂରେଜମାନଙ୍କ ବିରୋଧରେ ଓଡ଼ିଶା ହିଁ ପ୍ରଥମ ସ୍ୱର ଉତ୍ତୋଳନ କରିଥିଲା । ସିପାହୀ ବିଦ୍ରୋହର ୪୦ ବର୍ଷ ପୂର୍ବରୁ ଓଡ଼ିଶାର ପାଇକମାନେ ବିଦ୍ରୋହ ଆରମ୍ଭ କରିଥିଲେ । ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାଏଙ୍କ ନେତୃତ୍ୱରେ ପାଇକ ବିଦ୍ରୋହ ହୋଇଥିଲା । ବକ୍ସି ଜଗବନ୍ଧୁଙ୍କ ସହିତ ଖୋର୍ଦ୍ଧାଗଡ଼ର ରାଜ ପୁରୋହିତ ଜୟକୃଷ୍ଣ ରାଜଗୁରୁ ତଥା ତାପଙ୍ଗ ଦଳବେହେରା ପ୍ରମୁଖ ସହଯୋଗୀ ପାଇକମାନଙ୍କ ସହ ବିଦ୍ରୋହରେ ନେତୃତ୍ୱ ନେଇଥିଲେ । ପରିସ୍ଥିତିର ଚାପରେ ପଡ଼ି ଶେଷରେ ବକ୍ସି ଜଗବନ୍ଧୁ ୧୮୨୫ ମସିହାରେ କଟକଠାରେ ଇଂରେଜମାନଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ । ବାଣପୁର ଓ ଖୋର୍ଦ୍ଧାର ଅନତି ଦୂରରେ ତାପଙ୍ଗଠାରେ କୃତିବାସ ପାଟ୍ଟଶାହାଣୀ ଓ ଦଳ ବେହେରା ମାଧବ ରାଉତରାୟଙ୍କ ନେତୃତ୍ୱରେ ଇଂରେଜମାନଙ୍କ ବିରୋଧରେ ବିଦ୍ରୋହ ହୋଇଥିଲା ।

ଦକ୍ଷିଣ ଓଡ଼ିଶାର କନ୍ଧମାନଙ୍କ ଉପରେ ଇଂରେଜମାନଙ୍କର ପ୍ରଭୁତ୍ୱ ଜାରି ବିରୋଧରେ ବିଦ୍ରୋହ ହୋଇଥିଲା । ଏହା ଇତିହାସରେ ଘୁମୁସର ବିଦ୍ରୋହ ନାମରେ ଖ୍ୟାତ । କନ୍ଧ ସଂପ୍ରଦାୟର ଦୁଇଜଣ ମହାନ ନେତା ଦୋରା ବିଷୋଇ ଓ ଚକରା ବିଷୋଇ ଇଂରେଜ ଶାସନ ବିରୋଧରେ ସଂଗ୍ରାମ କରି ଇଂରେଜ ଶାସନକୁ ଦୋହଲାଇ ଦେଇଥିଲେ । ଇଂରେଜ ସରକାରଙ୍କ ବିରୋଧରେ ବିଦ୍ରୋହ ସଂଗଠିତ କରି ଶହୀଦ୍ ହୋଇଥିବା ରତ୍ନା ନାୟକ, ଶହୀଦ ନନ୍ଦ ନାୟକ ଓ ଧରଣୀଧର ଥିଲେ ଅନ୍ୟତମ । ସେମାନେ ଥିଲେ ଭୂୟାଁ ଜାତିର ଯୋଗଜନ୍ମା ପୁରୁଷ । ସେମାନେ ଆହୁରି ମଧ୍ୟ ଥିଲେ ଭୂୟାଁ ସ୍ୱାଭିମାନର ପ୍ରଥମ ଜାଗ୍ରତ ପ୍ରହରୀ । ବେଠି, ବେଗାରୀ ତଥା କୁଶାସନ ବିରୋଧରେ ଉତ୍‌କ୍ଷିପ୍ତ ହୋଇ ସେମାନଙ୍କର ନ୍ୟାଯ୍ୟ ଦାବି ହାସଲ କରିବା ପାଇଁ ଏକ ଗଣଆନ୍ଦୋଳନ କରିଥିଲେ । ଏହି ଗଣ ଆନ୍ଦୋଳନ କେନ୍ଦୁଝର ଜିଲ୍ଲା କାହିଁକି ସମଗ୍ର ଭାରତବର୍ଷରେ ମୁକ୍ତି ସଂଗ୍ରାମ ବିଦ୍ରୋହର ସୂତ୍ରପାତ କରିଥିଲା । କେଉଁଝରର ଭୂୟାଁ ସମ୍ପ୍ରଦାୟର ସୁନାମଧନ୍ୟ ବ୍ୟକ୍ତି ଥିଲେ ରତ୍ନା ନାୟକ, ନନ୍ଦ ନାୟକ ଓ ଧରଣୀଧର ନାୟକ । ସେମାନଙ୍କର ବିଦ୍ରୋହକୁ ଯଥାକ୍ରମେ ୧୮୬୮ ମସିହାରେ ରତ୍ନା ମେଳି ଓ ୧୮୯୧ ମସିହାରେ ଧରଣୀଧର ମେଳି ବା ଭୂୟାଁ ମେଳି ଭାବରେ ପରିଚିତ ହୁଏ । ରତ୍ନା ନାୟକ ଓ ନନ୍ଦ ନାୟକ ପରି ଭୂୟାଁ ସର୍ଦ୍ଦାରମାନେ ୧୮୬୮ ମସିହାର ଅପ୍ରେଲ ୨୮ ତାରିଖରେ ରାଜତନ୍ତ୍ର ଏବଂ ଇଂରେଜ ସରକାରଙ୍କ ବିରୋଧରେ ବିଦ୍ରୋହ ଘୋଷଣା କରିଥିଲେ । କଟକ ଜେଲରେ ସର୍ଦ୍ଦାର ରତ୍ନା ନାୟକ, ନନ୍ଦ ନାୟକ ଓ ଅନ୍ୟମାନଙ୍କୁ ଫାଶି ଦିଆଗଲା । ୨୭ ଜଣ ବିଦ୍ରୋହୀଙ୍କୁ ଦ୍ୱୀପାନ୍ତର (କଳାପାଣି) ଏବଂ ନନ୍ଦ ପ୍ରଧାନ ଓ ଅନ୍ୟମାନଙ୍କୁ ବିଭିନ୍ନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା ।

ଗାଂଗପୁର ରାଜ୍ୟରେ ନିର୍ମଳ ମୁଣ୍ଡାଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଗଠିତ ହୋଇଥିଲା । ରାଜାଙ୍କ ପୋଲିସ ଓ ପ୍ରଜାଙ୍କ ମଧ୍ୟରେ ସଂଘର୍ଷ ଘଟି ୨୮ ଜଣ ପ୍ରଜା ନିହତ ଓ ୨୫ ଜଣ ଆହତ ହୋଇଥିଲେ । ସୁନ୍ଦରମଣି ପଟେଲ, ହରିହର ପଟେଲ, ନାରଦ ଗୋସ୍ୱାମୀ ଓ ଧନଞ୍ଜୟ ମହାନ୍ତି ପ୍ରମୁଖ ପ୍ରଜାମଣ୍ଡଳର ନେତୃତ୍ୱ ନେଇଥିଲେ । ଗାଙ୍ଗପୁର ରାଜ୍ୟର ନିରୀହ ଭୂୟାଁ ଆଦିବାସୀ ପ୍ରଜାମାନେ କୁଶାସନ ବିରୋଧରେ ଉତ୍‌କ୍ଷିପ୍ତ ହୋଇ ସେମାନଙ୍କର ନ୍ୟାଯ୍ୟ ଦାବି ହାସଲ କରିବା ପାଇଁ ଏକ ଗଣ ଆନ୍ଦୋଳନ କରିଥିଲେ ।

୧୮୫୭ ମସିହାରେ ଓଡ଼ିଆମାନେ ସର୍ବଭାରତୀୟ ସ୍ତରରେ ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ କରିଥିବାର ଜଣାଯାଏ । ଏହି ସଂଗ୍ରାମକୁ ସିପାହୀ ବିଦ୍ରୋହ ବୋଲି ଐତିହାସିକମାନେ ଆଖ୍ୟା ଦେଇଥିଲେ । ତନ୍ମଧ୍ୟରୁ କଟକ ଜିଲ୍ଲାର ରାମକୃଷ୍ଣ ସାମନ୍ତ ସିଂହାର, ପୁରୀ ଜିଲ୍ଲାର ଚାଖି ଖୁଣ୍ଟିଆ ଓ ସମ୍ବଲପୁର ଜିଲ୍ଲାର ବୀର ସୁରେନ୍ଦ୍ର ସାଏ ମାଧୋ ସିଂ ତଥା ତାଙ୍କ ପୁତ୍ର ହାତୀ ସିଂହଙ୍କ ନେତୃତ୍ୱରେ ସଂଗ୍ରାମ ସଂଗଠିତ ହୋଇଥିଲା । ୧୮୫୮ ରୁ ୧୮୮୫ ମସିହାରେ ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠା ପର୍ଯ୍ୟନ୍ତ ୨୭ ବର୍ଷର ସମୟ ଥିଲା ରାଜନୈତିକ ବା ଜାତୀୟ ଏକତାର ଜାଗରଣ ସମୟ । ସେହି ସମୟରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଶିକ୍ଷା ଅନୁଷ୍ଠାନ ପ୍ରତିଷ୍ଠା ହୋଇଥିଲା । ତନ୍ମଧ୍ୟରୁ ସମ୍ବଲପୁର ଜିଲ୍ଲା ସ୍କୁଲ, ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ଦ୍ୱାରା ବାରିପଦାଠାରେ ଉଚ୍ଚ ଇଂରାଜୀ ବିଦ୍ୟାଳୟ, ୧୮୭୯ କଟକରେ ପ୍ୟାରୀମୋହନ ଏକାଡ଼େମୀ, ବାଲେଶ୍ୱରରେ ବୈକୁଣ୍ଠନାଥ ଦେ ତଥା ଫକୀର ମୋହନ ସେନାପତିଙ୍କ ପ୍ରଚେଷ୍ଟାରେ ଉଚ୍ଚ ଇଂରାଜୀ ବିଦ୍ୟାଳୟ ଉଲ୍ଲେଖଯୋଗ୍ୟ । ଦ୍ୱିତୀୟତଃ ରାଜନୈତିକ ଜାଗରଣ

ସୃଷ୍ଟି କରିବା ଦିଗରେ ଛାପାଖାନା ପ୍ରତିଷ୍ଠା ଥିଲା ମୁଖ୍ୟ ଉଦ୍ଦେଶ୍ୟ । ୧୮୬୬ରେ ବିଚିତ୍ରାନନ୍ଦ ଦାସଙ୍କ ଦ୍ୱାରା କଟକ ପ୍ରିଣ୍ଟିଂ ପ୍ରେସ, ବାଲେଶ୍ୱରରେ ଫକୀର ମୋହନଙ୍କ ଦ୍ୱାରା ଉତ୍କଳ ପ୍ରେସ୍, ବୈକୁଣ୍ଠନାଥ ଦେଙ୍କ ଦ୍ୱାରା ଦେ ପ୍ରେସ୍, ବାମଣ୍ଡାର ରାଜା ବାସୁଦେବ ସୁଢ଼ଳ ଦେବଙ୍କ ଦ୍ୱାରା ସୁଢ଼ଳ ପ୍ରେସ୍ ଓ ବାରିପଦାରେ ମୟୂରଭଞ୍ଜ ପ୍ରେସ୍ ସ୍ଥାପିତ ହୋଇଥିଲା ।

୧୮୮୫ ମସିହା ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ଅଧିବେଶନ ବମ୍ବେଠାରେ ଉମେଶ ଚନ୍ଦ୍ର ବାନାର୍ଜିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ଓଡ଼ିଶାର ବ୍ରହ୍ମପୁରର ଆଇନଜୀବୀ ବିଶେଶ୍ୱର ଆୟାର ଯୋଗ ଦେଇଥିଲେ । ୧୮୮୬ ମସିହା ମାର୍ଚ୍ଚ ୩ ତାରିଖରେ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ କଟକରେ ଏକ ସଭା ଅନୁଷ୍ଠିତ ହୋଇଥିଲା ଯାହାକି ଓଡ଼ିଶାର ଜାତୀୟ କଂଗ୍ରେସର ପ୍ରଥମ ସଭା । ତା'ପରେ ମଧୁସୂଦନ ଦାସଙ୍କ ଦ୍ୱାରା ୧୯୦୩ ମସିହା ଡ଼ିସେମ୍ବର ମାସ ୩୦ ତାରିଖ ଦିନ କଟକ ସ୍ଥିତ ଇଦ୍‌ଗା ପଡ଼ିଆରେ ଉତ୍କଳ ସମ୍ମିଳନୀ ଗଠିତ ହୋଇଥିଲା । ୧୯୦୫ ମସିହାରେ ବଙ୍ଗ ବିଭାଜନକୁ କେନ୍ଦ୍ରକରି ଏକ ଆନ୍ଦୋଳନ ଗଢ଼ି ଉଠିଥିଲା । ଭାରତର ଭାଇସରାୟ ଲର୍ଡ଼ କର୍ଜନ ବଙ୍ଗଦେଶକୁ ଦୁଇ ଭାଗରେ ବିଭକ୍ତ କରିବାକୁ ଆଦେଶ ଦେଲେ । ସେତେବେଳେ ବଙ୍ଗବାସୀ ଇଂରେଜ ସରକାରଙ୍କ ବିରୋଧରେ ଭାରତରୁ ବ୍ରିଟିଶ ସରକାରଙ୍କ ମୂଳ ଉତ୍ପାଟନ ନିମନ୍ତେ ଆନ୍ଦୋଳନ କରିଥିଲେ । ଏହି ଆନ୍ଦୋଳନରେ ଜଗତସିଂହପୁର ଅଞ୍ଚଳର ସାରଦା ପ୍ରସନ୍ନ ମହାପାତ୍ର, କବି କୃଷ୍ଣମୋହନ ପଟ୍ଟନାୟକ ଓ ବାରିନ ଘୋଷ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ୧୯୦୫ ରୁ ୧୯୧୪ ମସିହା ପର୍ଯ୍ୟନ୍ତ ଓଡ଼ିଶାରେ ଇଂରେଜମାନଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ବିରୋଧରେ ସ୍ୱଦେଶୀ ଆନ୍ଦୋଳନ ଆରମ୍ଭ ହୋଇଥିଲା । ବାଲେଶ୍ୱର ଇଞ୍ଚୁଡ଼ି ଓ ଭଦ୍ରକର ଇରମ ଠାରେ ଲବଣ ସତ୍ୟାଗ୍ରହ ଚାଲିଥିଲା ବେଳେ ପୋଲିସ ଗୁଳିରେ ଜଣଙ୍କ ପରେ ଜଣେ ଟଳି ପଡ଼ିଥିଲେ । ଇରମ ରକ୍ତତୀର୍ଥରେ ପରିଣତ ହୋଇଯାଇଥିଲା । ମଦ, ଅଫିମ, ଗଂଜା ଓ ବିଦେଶୀ ଦ୍ରବ୍ୟ ବିକ୍ରୟ କରୁଥିବା ଦୋକାନ ସମ୍ମୁଖରେ ଆନ୍ଦୋଳନକାରୀ ବିକ୍ଷୋଭ ପ୍ରଦର୍ଶନ କରୁଥିଲେ । ୧୯୩୬ ମସିହା ଏପ୍ରିଲ ମାସ ୧ ତାରିଖ ଦିନ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରାଯାଇଥିଲା । ୨୬ ଟି ଗଡ଼ଜାତ ବ୍ୟତୀତ ନୂତନ ଓଡ଼ିଶା ପ୍ରଦେଶରେ ୬ଟି ଜିଲ୍ଲା ଥିଲା । ସେଗୁଡ଼ିକ ଥିଲା– କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ଓ କୋରାପୁଟ । ୧୯୩୬ ନିର୍ବାଚନରେ ସ୍ୱାଧୀନତା ସଂଗ୍ରାମୀ ଜାତୀୟ କଂଗ୍ରେସକୁ ଜୟଯୁକ୍ତ କରାଇ ଓଡ଼ିଶାରେ ବିଶ୍ୱନାଥ ଦାଶଙ୍କ ନେତୃତ୍ୱରେ ମନ୍ତ୍ରୀମଣ୍ଡଳ ଗଠିତ ହେଲା ଏବଂ ଗଡ଼ଜାତ ପ୍ରଜାମାନେ ବିଦ୍ରୋହରେ ମାତି ଉଠିଲେ । ୧୯୩୭ ମସିହାର ଜୁନ୍ ୨୬ ତାରିଖରେ ସର୍ବଭାରତୀୟ ଷ୍ଟାଣ୍ଡିଂ କମିଟିର ଜନୈକ ଉଦ୍ୟୋକ୍ତା ଡ଼ଃ ପଟାଭି ସୀତାରାମାୟା ଓଡ଼ିଶା ପରିଦର୍ଶନରେ ଆସି ସମ୍ମିଳନୀରେ ଅଧ୍ୟକ୍ଷତା କରିଥିଲେ ଏବଂ ଉକ୍ତ ସମ୍ମିଳନୀର ନାମ ଓଡ଼ିଶା ଷ୍ଟେଟ୍ ପିପୁଲସ୍ କନ୍‌ଫରେନ୍ସ ରଖାଯାଇଥିଲା ଏବଂ ସ୍ୱର୍ଗତ ସାରଙ୍ଗଧର ଦାସ ଏହାର ସଂପାଦକ ଥିଲେ ।

ଓଡ଼ିଶାରେ ବିଭିନ୍ନ ଗଡ଼ଜାତଗୁଡ଼ିକରେ ୧୯୩୮ ମସିହାରେ ପ୍ରଜାମଣ୍ଡଳ ଗଠିତ ହେଲା । ଗଡ଼ଜାତଗୁଡ଼ିକ ଯଥାକ୍ରମେ– ନୀଳଗିରି, ଢେଙ୍କାନାଳ, ତାଳଚେର, ସୋନପୁର, ଆଠଗଡ଼, ନୟାଗଡ଼, ପାଲଲହଡ଼ା, ତିଗିରିଆ, ମୟୂରଭଞ୍ଜ, କେନ୍ଦୁଝର ଓ ଗାଙ୍ଗପୁର ଥିଲା ଅନ୍ୟତମ । ସୂଚନାଯୋଗ୍ୟ ଯେ ସାରା ଭାରତରେ ନୀଳଗିରି ଗଡ଼ଜାତ ମିଶ୍ରଣରେ ପ୍ରଥମ କରି ଓଡ଼ିଶାରେ ୧୯୪୭ ମସିହା ନଭେମ୍ବର ୧୭ ତାରିଖରେ ମିଶିଥିବା ବେଳେ ଓଡ଼ିଶାର ମୟୂରଭଞ୍ଜକୁ ଛାଡ଼ି ଅନ୍ୟ ଗଡ଼ଜାତଗୁଡ଼ିକ ୧୯୪୮ ମସିହା ଜାନୁଆରୀ ୧ ତାରିଖରେ ମିଶ୍ରଣ ହୋଇଥିଲା । ମୟୂରଭଞ୍ଜ ରାଜ୍ୟ ୧୯୪୯ ମସିହା ଜାନୁୟାରୀ ୧ ତାରିଖରେ ମିଶ୍ରଣ ହୋଇଥିଲା । ମୟୂରଭଞ୍ଜର ମିଶ୍ରଣ ବିଳମ୍ବିତ ଯୋଗୁଁ ଷଢ଼େଇକଳା ଓ ଖରସୁଆଁ ଓଡ଼ିଶାରୁ ଚାଲି ଯାଇଥିଲା ବୋଲି ଆଲୋଚିତ ହୁଏ । ରଣପୁର ଗଡ଼ଜାତରୁ ବନମାଳୀରାମ, କୃପାସିନ୍ଧୁ ମିଶ୍ର, ରଘୁ ମହାନ୍ତି ଓ ଦିବାକର ପରିଡ଼ାଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଗଠିତ ହୋଇଥିଲା । ଏହି ଆନ୍ଦୋଳନରେ ପଲିଟିକାଲ୍ ଏଜେଣ୍ଟ ମେଜର ବେଜେଲଗେଟ ନୟାଗଡ଼ରୁ ଆସି ୧୯୩୯ ମସିହା ଜାନୁୟାରୀ ୫ ତାରିଖରେ ରଣପୁରରେ ପହଞ୍ଚି ଥିଲେ ଏବଂ ତାଙ୍କୁ ଗାଁ ଭିତରକୁ ନେଇ ବାଡ଼ିରେ ପିଟି ପିଟି ମାରି ଦେଲେ । ନୀଳଗିରି ଦେଶୀୟ ରାଜ୍ୟରେ କୈଳାସ ଚନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଜନସାଧାରଣଙ୍କ ରାଜନୈତିକ ଓ ସାମାଜିକ ଅଧିକାର ଲାଗି ଆନ୍ଦୋଳନ ହୋଇଥିଲା । ଢେଙ୍କାନାଳ ଆନ୍ଦୋଳନରେ ୧୨ ବର୍ଷର ବାଳକ ବାଜି ରାଉତଙ୍କ ସହିତ ୧୮ ଜଣ ସାଧାରଣ ଲୋକ ପ୍ରାଣ ହରାଇଥିଲେ । ବୈଷ୍ଣବ ଚରଣ ପଟ୍ଟନାୟକଙ୍କ ନେତୃତ୍ୱରେ ସଶସ୍ତ୍ର ସଂଘର୍ଷ ହୋଇ କାମାକ୍ଷ ନଗର ସବ୍‌ଡ଼ିଭିଜନକୁ ୧୦ ଦିନ ପାଇଁ ଦଖଲ କରିଥିଲେ, ତାଳଚେରରେ ପବିତ୍ର ମୋହନ ପ୍ରଧାନଙ୍କ ନେତୃତ୍ୱରେ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଏହି ଆନ୍ଦୋଳନରେ ଚନ୍ଦ୍ରବିଲ ଗ୍ରାମର ଦିବାକର ନାୟକ ପୋଲିସ ଗୁଳିର ଶିକାର ହୋଇଥିଲେ । ହିନ୍ଦୋଳରେ ବାଲୁକେଶ୍ୱର ଆଚାର୍ଯ୍ୟଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଗଠିତ ହୋଇଥିଲା । ସେହିପରି ପାଟଣା ରାଜ୍ୟରେ ପ୍ରଜାମଣ୍ଡଳ କର୍ମୀମାନେ କୃଷକ ଦଳ ନାମରେ ଏକ ରାଜନୈତିକ ସଂଗଠନ କରି ଆନ୍ଦୋଳନ କରିଥିଲେ । ୧୯୩୮ ମସିହାରେ

ଆଠଗଡ଼ରେ ରାଧାନାଥ ରଥଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଗଠନ କରାଯାଇଥିଲା । ନୟାଗଡ଼ ରାଜ୍ୟରେ ଶ୍ରୀଧର ଦାସ, ଲକ୍ଷ୍ମଣ ମହାରଣା ପ୍ରମୁଖଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଗଠିତ ହୋଇଥିଲା । ୧୯୪୨ ମସିହାରେ ଭାରତଛାଡ଼ ଆନ୍ଦୋଳନରେ ନୟାଗଡ଼ ପ୍ରଜାମଣ୍ଡଳ ଓ ରାଜାଙ୍କ ସିପାହୀ ମଧ୍ୟରେ ସଂଘର୍ଷ ଘଟି କୋଷ୍ଠି ଡ଼ାକୁଆ ଶହୀଦ୍ ହୋଇଥିଲେ । ସେହପରି ଗାଙ୍ଗପୁର ରାଜ୍ୟରେ ନିର୍ମଳ ମୁଣ୍ଡାଙ୍କ ନେତୃତ୍ୱରେ ମୁଣ୍ଡାମାନେ ସେଠାକାର ରାଣୀ ଓ ଇଂରେଜ ବିରୋଧରେ ଆନ୍ଦୋଳନ କରି ଆମକୋ– ସିମକୋ ସ୍ଥାନରେ ସଭା କରୁଥିବା ଅବସ୍ଥାରେ ପୋଲିସ ଗୁଳିରେ ପ୍ରାୟ ୪୦ ଜଣ ମୃତ୍ୟୁବରଣ କରିଥିଲେ । ବୌଦ୍ଧ ରାଜ୍ୟରେ ଦାମୋଦର ଷଣ୍ଢଆସୀ ଏବଂ ମୟୂରଭଞ୍ଜ ରାଜ୍ୟରେ ଶରତ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଗଠିତ ରାଜଶାସନ ବିରୋଧରେ ଆନ୍ଦୋଳନ ହୋଇଥିଲା ।

ପ୍ରତ୍ୟେକ ପ୍ରଜାମଣ୍ଡଳ ନାଗରିକ ଅଧିକାର ଦାୟିତ୍ୱପୂର୍ଣ୍ଣ ସରକାର, ରାଜସ୍ୱ ବ୍ୟବସ୍ଥାର ଉନ୍ନତି ସାଧକ, ସମସ୍ତ ବେଆଇନ ଟିକସ, ବେଠି, ଭେଟି, ଉଚ୍ଛେଦ ପାଇଁ ଦାବି କରିଥିଲେ । ଅନ୍ୟ ପକ୍ଷରେ ରାଜାମାନେ ପ୍ରଜାମାନଙ୍କ ବିଦ୍ରୋହକୁ ଦମନ କରିବା ନିମନ୍ତେ ଭିତିରି ଷଡଯନ୍ତ୍ର ତଥା ପୋଲିସ ଫୋର୍ସର ସାହାଯ୍ୟ ଇଂରେଜମାନଙ୍କଠାରୁ ପାଇଥିଲେ କାରଣ ଇରେଜ ପ୍ରଶାସକମାନେ ସେମାନଙ୍କୁ ଘଣ୍ଟ ଘୋଡ଼ାଇ ରଖୁଥିଲେ । ଇତି ମଧ୍ୟରେ ୧୯୩୮ ମସିହାରେ ଭାରତୀୟ ଜାତୀୟ କଂଗ୍ରେସ ହରିପୁରା ଅଧିବେଶନରେ ଗୃହୀତ ପ୍ରସ୍ତାବରେ ଘୋଷଣା କରିଥିଲେ ଯେ ପୂର୍ଣ୍ଣ ସ୍ୱରାଜ୍ୟର ଆଭିମୁଖ୍ୟରେ ଗଡ଼ଜାତ ରାଜ୍ୟକୁ ସ୍ୱାଧୀନ କରିବା ଏକ କର୍ତ୍ତବ୍ୟ । ପ୍ରକୃତ ପକ୍ଷେ ସେହି ଅଧିବେଶନଠାରୁ ପ୍ରଜାମାନେ ଭାରତବର୍ଷର ସ୍ୱାଧୀନତା ସଂଗ୍ରାମ ପ୍ରତି ଆକୃଷ୍ଟ ହୋଇଥିଲେ । ପରବର୍ତ୍ତୀ ସମୟରେ ପ୍ରଜାମଣ୍ଡଳ ଆନ୍ଦୋଳନ ସ୍ୱାଧୀନତା ଆନ୍ଦୋଳନ ମହାସ୍ରୋତରେ ମିଶି ଯାଇଥିଲା ।

୧୯୪୧ ମସିହାରେ ବ୍ୟକ୍ତିଗତ ସତ୍ୟାଗ୍ରହ ହୋଇଥିଲା । ଏହି ବ୍ୟକ୍ତିଗତ ସତ୍ୟାଗ୍ରହର ପ୍ରଥମ ବ୍ୟକ୍ତି ଭାବରେ ଗାନ୍ଧିଜୀ ବିନୋବା ଭାବେଙ୍କୁ ମନୋନୀତ କରିଥିଲେ । ଯୁଦ୍ଧ ବିରୋଧରେ ପ୍ରଚାର କରି ବିନୋବା ବ୍ୟକ୍ତିଗତ ସତ୍ୟାଗ୍ରହ ନେତୃତ୍ୱ ନେଇ କାରାଗାରରେ ବନ୍ଦୀ ହେଲେ, ଏହି ବ୍ୟକ୍ତିଗତ ସତ୍ୟାଗ୍ରହରେ ମଧ୍ୟ ଓଡ଼ିଶାର ବହୁତ ବ୍ୟକ୍ତି ଅଂଶଗ୍ରହଣ କରି କାରାବରଣ କରିଥିଲେ ।

୧୯୪୨ ମସିହାରେ ଭାରତ ଛାଡ଼ ଆନ୍ଦୋଳନରେ ଇଂରେଜମାନଙ୍କୁ ଭାରତ ଛାଡ଼ି ଚାଲିଯିବା ପାଇଁ ଦାବି କରିଥିଲେ ଭାରତୀୟମାନେ । ଉକ୍ତ ଗଣ ବିପ୍ଳବରେ ମଧ୍ୟ ଓଡ଼ିଶାବାସୀଙ୍କ ଅବଦାନ ଅବିସ୍ମରଣୀୟ । ଭାରତ ଛାଡ଼ ଆନ୍ଦୋଳନ ଓଡ଼ିଶାରେ ସମ୍ପୂର୍ଣ୍ଣ ସଫଳ ହୋଇଥିଲା । ଭାରତୀୟ ଜାତୀୟ କଂଗ୍ରେସ କାର୍ଯ୍ୟକାରୀ କମିଟି ସଦସ୍ୟ ହରେକୃଷ୍ଣ ମହତାବ ବମ୍ବେଠାରେ ଗିରଫ ହୋଇଥିଲେ । ଓଡ଼ିଶାରୁ ସମସ୍ତ କଂଗ୍ରେସ ନେତା ଗିରଫ ହେବା ସହିତ କୋରାପୁଟର ଲକ୍ଷ୍ମଣ ନାଏକଙ୍କୁ ଜେଲରଙ୍କ ଉପସ୍ଥିତିରେ ବ୍ରହ୍ମପୁର ଜେଲରେ ଫାଶି ଦିଆଗଲା । ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଟକରେ ଜନ୍ମ ଗ୍ରହଣ କରି ନିଜର ମେଧା ଓ ଧୀଶକ୍ତି ବଳରେ ଇଣ୍ଡିଆନ ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମଧ୍ୟ ଚାକିରିରେ ଯୋଗ ନ ଦେଇ ଅଳ୍ପ ବୟସରୁ ଜନନୀ ଜନ୍ମଭୂମିଶ୍ଚ ସର୍ଗାଦପି ଗରୀୟସୀ ନୀତିରେ କାର୍ଯ୍ୟ କରି ଦେଶ ମାତୃକାର ସେବା ପାଇଁ ନିଜକୁ ଉତ୍ସର୍ଗ କରିଥିଲେ । ଗାନ୍ଧିଜୀଙ୍କ ନୀତି ଅହିଂସା ଓ ନିରସ୍ତ୍ର ହେଲେ ସୁଭାଷଙ୍କ ନୀତି ଥିଲା ସଶସ୍ତ୍ର । ତ୍ରିପୁରା ଅଧିବେଶନରେ କଂଗ୍ରେସ ସଭାପତି ପଦରୁ ଓହରି ଯାଇ ବ୍ରିଟିଶମାନେ ସତର୍କତା ଅବଲମ୍ବନ କରିବା ସତ୍ତ୍ୱେ ନେତାଜୀ ଛଦ୍ମବେଶରେ ଭାରତ ଛାଡ଼ି ଚାଲିଯାଇ ଦେଶର ସ୍ୱାଧୀନତା ପାଇଁ ଇଟାଲୀ ଜର୍ମାନୀ ପ୍ରଭୃତି ବୈଦେଶିକ ସୈନ୍ୟର ସାହାଯ୍ୟ ଚାହିଁଥିଲେ । ୧୯୪୩ ମସିହା ଜୁନ ୪ ତାରିଖରେ ସିଙ୍ଗାପୁରରେ ଆଜାଦ୍ ହିନ୍ଦ ଫୌଜର ନେତୃତ୍ୱ ନେଇ ସୁଭାଷ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଅଧିକାର କରି ଶହୀଦ୍ ଓ ସ୍ୱରାଜ ନାମରେ ନାମିତ କଲେ । ଗାନ୍ଧିଜୀଙ୍କର ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନର ମହାମନ୍ତ୍ର କର ବା ମରରେ ଦୀକ୍ଷିତ ହୋଇ ମାଳତୀ ଚୌଧୁରୀ ବମ୍ବେ (ମୁମ୍ବାଇ) ରୁ ଓଡ଼ିଶା ଫେରିବା ପରେ ଇଂରେଜ ସରକାର ତାଙ୍କୁ ଗିରଫ କରିଥିଲେ ।

ଏହିପରି ଭାବରେ ଭାରତର ସ୍ୱାଧୀନତା ସଂଗ୍ରାମର ମହାନ୍ ସ୍ରୋତରେ ଓଡ଼ିଶାର ସଂଗ୍ରାମୀମାନଙ୍କ ଅବଦାନ ସମଗ୍ର ଦେଶରେ ଏଇ ଗୌରବୋଜ୍ଜ୍ୱଳ ଅଧ୍ୟାୟ ସୃଷ୍ଟି କରିଥିଲା । ଏହି ସ୍ୱାଧୀନତା ସଂଗ୍ରାମୀନେ ଭାରତର ହୃତ ଗୌରବ ଫେରାଇ ଆଣିବା ପାଇଁ ବୀରତ୍ୱର ସହିତ କଳ, ବଳ, କୌଶଳ ଓ ଅହିଂସା ମଧ୍ୟରେ ଆମ ଦେଶଙ୍କୁ ସ୍ୱାଧୀନ କରିଥିଲେ । ବାସ୍ତବିକ ଭାରତୀୟ ସ୍ୱାଧୀନତା ସଂଗ୍ରାମ ପାଇଁ ଓଡ଼ିଶାବାସୀଙ୍କ ଅବଦାନ ଅତୁଳନୀୟ ଅଟେ । ଦେଶ ଓ ଜାତି ପାଇଁ ସମାଜର ସକଳ ବାଧା ବନ୍ଧନକୁ ଛିନ୍ନ କରି ଯେଉଁ ଦେଶ ମାତୃକାର ମୁକ୍ତି ପାଇଁ ସେମାନେ ନିଜର ଜୀବନକୁ ଆତ୍ମୋତ୍ସର୍ଗ କରିଯାଇଛନ୍ତି, ସେମାନଙ୍କର ତ୍ୟାଗର କାହାଣୀ ସବୁଦିନ ପାଇଁ ଦେଶବାସୀଙ୍କୁ ଅନୁପ୍ରାଣିତ କରୁ, ଏହା ହିଁ କାମନା ।

ଗ୍ରାମ / ପୋ.ଅ – ଖିଚିଂ
ଜିଲ୍ଲା– ମୟୂରଭଞ୍ଜ–୭୫୭୦୩୯